## ମୁଜାଗଡ଼ ଜଙ୍ଗଲରେ ନିଆଁ

ଭଞ୍ଜନଗର, (ଡି.ଏନ୍.ଏ): ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଅନ୍ତର୍ଗତ ମୁଜାଗଡ ଗ୍ରାମ ପୂର୍ବରୁ ଜାତୀୟ ରାଜପଥ କଡ଼ରେ ଥିବା ଜଙ୍ଗଲରେ ଶନିବାର ନିଆଁ ଲାଗିଯାଇଥିଲା। ନିଆଁ କେଉଁଭଳି ଲଗିଲା ସେ ନେଇ ସଠିକ ଭାବେ କିଛି ଜଣାପଡୁନାହିଁ। ଉକ୍ତ ରାସ୍ତାରେ ଯାଉଥିବା ଗଞ୍ଜାମ ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୂଳପାଣି ସତପଥୀ ଜାଣି ବିଭାଗୀୟ କର୍ମଚାରୀଙ୍କୁ ସୂଚନା ଦେଇଥିଲେ। ବନବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ସଂକ୍ଷେପରେ

## ଗୋଷ୍ଠୀ ସଂଘର୍ଷ, ୫ ଗିରଫ

ଆସିକା, ୭।୧(ଡି.ଏନ୍.ଏ): ଗାଙ୍ଗପୁର ଥାନା ଅନ୍ତର୍ଗତ ଲୁଣିପଡ଼ା ଗ୍ରାମରେ ଶୁକ୍ରବାର ରାତିରେ ସାମାନ୍ୟ କଥାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ଗୋଟିଏ ଗୋଷ୍ଠୀର ଦିଲୀପ କୁମାର ନାୟକ ଆହତ ହୋଇଥିଲା ବେଳେ ପୋଲିସ ଉଭୟ ପକ୍ଷର ୫ଜଣଙ୍କୁ ଗିରଫ କରିଛି। ଏହି ଘଟଣାକୁ ନେଇ ଉଭୟ ପକ୍ଷରୁ ଗାଙ୍ଗପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଦୁଇଟି ମାମଲା ରୁଜୁ କରିଛି। ଗୋଟିଏ ପକ୍ଷର ଦିଲ୍ଲୀପ କୁମାର ନାୟକଙ୍କ ଅଭିଯୋଗ କ୍ରମେ ଲକ୍ଷ୍ମଣ ବିଷୋୟୀ ଓ ନାରାୟଣ ବିଷୋୟୀଙ୍କୁ ଗିରଫ କରାଯାଇଥିଲା ବେଳେ ଅପରପକ୍ଷର ଲକ୍ଷ୍ମଣ ବିଷୋୟୀଙ୍କ ଅଭିଯୋଗ କ୍ରମେ ଦାମୋଦର ନାୟକ, ସୂର୍ଯ୍ୟ ଗୌଡ ଓ ଦିଲ୍ଲୀପ କୁମାର ନାୟକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି।

## ବିପିନ ବିହାରୀଙ୍କ ସ୍ମୃତିସଭା

ବେଗୁନିଆପଡ଼ା,୭।୧: ଗଞ୍ଜାମ ଜିଲା କୋଦଳା ଏନ୍ଏସି ଅଞ୍ଚଳର ସାମାଜିକ କର୍ମୀ ସ୍ୱର୍ଗତ ବିପିନ୍ ବିହାରୀ ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଓ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଶନିବାର କୋଦଳା ପୂର୍ତ୍ତ ବିଭାଗ ଡାକବଙ୍ଗଳା ସାହିରେ ଆୟୋଜିତ କାର୍ଯ୍ୟକ୍ରମରେ ବେଗୁନିଆପଡ଼ା ପବନ ତନୟା ଗ୍ରୁପ ଯୋଗଦେଇ ହନୁମାନ ଚାଳିଶା ପଠନ କରିଥିଲେ। ଏହି ଅବସରରେ କୋଦଳା ଏନଏସି ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ନାୟକ, ପୂର୍ବତନ ଅଧ୍ୟକ୍ଷା ସୁନୀତାପ୍ରଭା ସାହୁ, ବିଜେଡି ନେତା ସୀତାରାମ ପାଣିଗ୍ରାହୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତଃ ମହାନ୍ତିଙ୍କ ଫଟୋରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ।

## ପୋଲସରା ଥାନାରେ ସଂକୀର୍ତ୍ତନ ମଣ୍ଡଳୀଙ୍କୁ ସମ୍ବର୍ଦ୍ଧନା

ପୋଲସରା,୭।୧(ଡି.ଏନ୍.ଏ.):ପୋଲସରା ଥାନା ପରିସରରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ବିଭିନ୍ନ ଗ୍ରାମରୁ ଅଂଶଗ୍ରହଣ କରିଥିବା ୮ଟି ସଂକୀର୍ତ୍ତନ ମଣ୍ଡଳୀକୁ ପୋଲସରା ପୋଲିସ ପକ୍ଷରୁ ଥାନା ଅଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ଶନିବାର ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଗତ ନଭେମ୍ବର ମାସ ୨୩ ତାରିଖରେ ଶ୍ରୀଜଗନ୍ନାଥଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ନିମନ୍ତେ ପୋଲସରାରୁ ବେଲଗାଁ, ମନଶିଳା, ଡିମ୍ବିରିଆ, ଜା.ଡେଙ୍ଗାପଦର, ମର୍ଦ୍ଦରାଜପୁର, ଖଇରଛଟା, ଜେନାପୁର ଓ ଘୋଡାପଲାଣ ଭଳି ୮ଟି ସଂକୀର୍ତ୍ତନ ମଣ୍ଡଳୀ ଅଷ୍ଟପ୍ରହରୀରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ସାହା, ଏସଆଇ ଅଜୟ କୁମାର ମଲ୍ଲିକ, ଜିଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ, ଏନ୍ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା, ସାଂସଦ ପ୍ରତିନିଧି ପ୍ରତାପ ଚନ୍ଦ୍ର ପ୍ରଧାନ, କୃଷ୍ଣଚନ୍ଦ୍ର ଜେନା, ସୁକାନ୍ତ ଭୂୟାଁ, କବିରାଜ ଦାସ ସମେତ ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

## ଋଣ ବଣ୍ଟନ ମେଳା

ଆସିକା,୭।୧(ଡି.ଏନ୍.ଏ): ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କର ଆସିକା ବସ୍ଷ୍ଟାଣ୍ଡସ୍ଥିତ ସଦର ଶାଖାରେ ଶନିବାର ଋଣ ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ପରିଚାଳନା ପରିଷଦର ସଭାପତି ମଙ୍ଗୁଲୁଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ନେତା ନଚିକେତା ସ୍ୱାଇଁ, ଏମପିସିଏସ୍ ସଭାପତି କାର୍ତ୍ତିକେଶ୍ୱର ପରିଡ଼ା, ନିର୍ଦ୍ଦେଶକ ପ୍ରମୋଦ କୁମାର ସ୍ୱାଇଁ, ନିର୍ଦ୍ଦେଶକ ପ୍ରତିନିଧି ନନ୍ଦ କୁମାର ବିଷୋୟୀ, ସଦର ଶାଖା ପରିଚାଳକ ନିରଞ୍ଜନ ପୃଷ୍ଟି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବଳରାମ ଯୋଜନାରେ ୫ଜଣ ଲେଖାଏଁ ଭୂମିହୀନ ଚାଷୀଙ୍କୁ ନେଇ ଗଠିତ ୫୦ଟି ଗ୍ରୁପର ସଦସ୍ୟଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ ସମୁଦାୟ ୫୦ ଲକ୍ଷ ଟଙ୍କା ଋଣ ବଣ୍ଟନ କରାଯାଇଥିଲା।

## ଏସ୍ଏସ୍‌ଭିଏମ୍‌ର ପୁରସ୍କାର ବିତରଣ ଉତ୍ସବ

କବିସୂର୍ଯ୍ୟନଗର,୭।୧(ଡି.ଏନ.ଏ.)- ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଶନିବାର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ପୁରସ୍କାର ବିତରଣ ଉତ୍ସବରେ ବିଦ୍ୟାଳୟର ଉପସଭାପତି ବଂଶୀଧର ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ଜି. ଶମ୍ଭୁଲିଙ୍ଗମ୍ ଆଚାରୀ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ଓ ବିଦ୍ୟାଳୟର ସମ୍ପାଦକ ମିହିର କୁମାର ଶତପଥୀ, ବିଦ୍ୟାଳୟର ଯୁଗ୍ମ ସମ୍ପାଦକ ବୁଲୁ ପୋଲେଇ ଓ ସ୍ଥାନୀୟ ଅଞ୍ଚଳର ଖବରଦାତା କୃପାସିନ୍ଧୁ ସ୍ୱାଇଁ ଉପସ୍ଥିତ ରହି ମୋଟ ୩୬୩ ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଦାଶରଥି ସ୍ୱାଇଁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସୂଚାରୁରୂପେ ସମ୍ପାଦିତ ହୋଇଥିଲା। ଶେଷରେ କ୍ରୀଡ଼ା ଚାମ୍ପିୟନ୍ ହୋଇଥିବା ଛାତ୍ରୀଛାତ୍ର ଶ୍ରଦ୍ଧା ସୁମନ ନାୟକ, ଅନୁପମା ସ୍ୱାଇଁ ଓ ଦେବସ୍ମିତା ସାହୁଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଘୁମୁରା, କୁଇ ଗୀତରେ ଝୁମିଲେ ଦର୍ଶକ



ଶୀତ ମହୋତ୍ସବର ଉଦ୍‌ଘାଟନୀ ଦିବସରେ ଯୋଗଦେଇଥିବା ଅତିଥିମାନେ ପୁସ୍ତକ 'ହିମ କନ୍ୟା' ଉନ୍ମୋଚନ କରୁଛନ୍ତି।

**ଦାରିଙ୍ଗବାଡ଼ି,୭।୧(ଡି.ଏନ.ଏ):**

ଶୀତ ମହୋତ୍ସବ-୨୦୨୩ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବ କମିଟିର ସଭାପତି ତଥା ଜି. ଉଦୟଗିରି ବିଧାୟକ ସାଲୁଗା ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ରଦନ ମଲ୍ଲିକ, ଗଞ୍ଜାମ ଜିଲା ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, କନ୍ଧମାଳ ଅତିରିକ୍ତ ଜିଲାପାଳ ବସନ୍ତ ସାହୁ, ବାଲିଗୁଡା ଏସ୍‌ଡିପିଓ ରୋହିତ ବର୍ମା ଏବଂ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ତହସିଲଦାର ତଥା କମିଟିର କୋଷାଧ୍ୟକ୍ଷ ଡ. ଅଶୋକ କୁମାର ଦାସ ସମ୍ପାଦକୀୟ ପଠନ କରିଥିଲେ। ୨୦୧୫ରେ ପ୍ରଥମେ ରାଜ୍ୟସ୍ତରୀୟ ଶୀତ ମହୋତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ତାହା ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହା କୌଣସି କାରଣରୁ ହୋଇପାରିନଥିବା ବେଳେ ପୁଣି ସ୍ଥାନୀୟ ଜନସାଧାରଣ ପ୍ରଶାସନ ଓ ବିଭିନ୍ନ ସଂଗଠନର ଉଦ୍ୟମରେ ଏହି ମହୋତ୍ସବ ପାଳନ କରାଯାଉଛି ବୋଲି କୁହାଯାଇଥିଲା। ଦାରିଙ୍ଗବାଡି ବିଡ଼ିଓ ଗଦାଧର ପାତ୍ରଙ୍କ ଦ୍ୱାରା ଲେଖାଯାଇଥିବା 'ଆସ ବୁଲିଯିବା ଦାରିଙ୍ଗବାଡ଼ି ଶୀତ ମହୋତ୍ସବ' ସଂଗୀତକୁ ଅତିଥିମାନଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା। ସେହିପରି 'ହିମ କନ୍ୟା' ମାଗାଜିନକୁ ଉନ୍ମୋଚନ କରାଯାଇଥିଲା। ବିଭିନ୍ନ ଜିଲାରୁ ହସ୍ତତନ୍ତ, ଖୁଦ୍ରଦାନା ଶସ୍ୟ, ଉଦ୍ୟାନ ବିଭାଗ, ମାଟିରେ ପ୍ରସ୍ତୁତି ବିଭିନ୍ନ ସାମଗ୍ରୀ, କନ୍ଧମାଳ ହଳଦୀ, ସୋରିଷ, ମାଳ ଜିନିଷ ଆଦି ଷ୍ଟଲ ଖୋଲିଥିବା ଦେଖିବାକୁ ମିଳିଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆଦ୍ୟାଶ୍ରୀ ଦିବ୍ୟାଦର୍ଶିନୀ ସଂଯୋଜନା କରିଥିବା ବେଳେ ସୋରଡ଼ାର ପିଙ୍କୁ ଅଧିକାରୀ ସଂଯୋଜନା କରିଥିଲେ। ମୁଖ୍ୟ ଆକର୍ଷଣ କନ୍ଧମାଳର ସଂଗୀତ ନିର୍ଦ୍ଦେଶକ ରାଜକିଶୋର ପ୍ରଧାନଙ୍କ ଦ୍ୱାରା ରଚୟିତ କୁଇ ସଂଗୀତ 'ଏ ବୁଡ଼ାଲି ବାମ ସାନା ରାଇକାଣ୍ଡ ହାଟ ସାନା'କୁ ବିଶିଷ୍ଟ କଣ୍ଠଶିଳ୍ପୀ ଦିବ୍ୟ ଦିବାକର ପରିବେଷଣ କରିଥିଲେ। ସେହିପରି କଳାହାଣ୍ଡିର ଘୁମୁରା ନାଚ, ବାରଖମାରୁ ଆସିଥିବା ସୂର୍ଯ୍ୟକାଳୀ ନୃତ୍ୟ,ସାରଙ୍ଗ ଡାକୁଲ ନୃତ୍ୟ ଦର୍ଶକଙ୍କୁ ମତୁଆଲା କରିଥିଲା। ଶେଷରେ ତହସିଲଦାର ଡ. ଅଶୋକ କୁମାର ଦାସ ଧନ୍ୟବାଦ ଦେଇଥିଲେ।

## ନିଖୋଜ ବୃଦ୍ଧା ପାହାଡ଼ ଉପରୁ ଉଦ୍ଧାର

**ଦିଗପହଣ୍ଡି, ୭।୧(ଡି.ଏନ୍.ଏ.)**

ଦିଗପହଣ୍ଡି ବ୍ଲକ ବଡ଼ଡୁମୁଳା ଗ୍ରାମ ନିକଟ ପାହାଡ଼ରୁ ଚିକିଟି ଅଗ୍ନିଶମବାହିନୀ ସ୍ଥାନୀୟ ଲୋକଙ୍କ ସହାୟତାରେ ଜଣେ ବୃଦ୍ଧାଙ୍କୁ ଶନିବାର ସକାଳେ ଉଦ୍ଧାର କରିଛି। ଶୁକ୍ରବାର ସକାଳେ ବଡ଼ଡୁମୁଳା ଗ୍ରାମର ଚଞ୍ଚଳା ଦଳେଇ (୭୦) ନିଖୋଜ ହୋଇଯାଇଥିଲେ। ତାଙ୍କୁ ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ ସନ୍ଧାନ ପାଇନଥିଲେ। କିଛି ଗ୍ରାମବାସୀ ବୃଦ୍ଧାଙ୍କୁ ପାହାଡ଼ ପାଦ ଦେଶରେ ଦେଖିଥିବା ନେଇ ସନ୍ଧ୍ୟାରେ ସୂଚନା ମିଳିଥିଲା। ଗ୍ରାମର ୪ ଯୁବକ ବୃଦ୍ଧାଙ୍କୁ ଉଦ୍ଧାର ପାଇଁ ପାହାଡ଼ ଚଢ଼ିଥିଲେ। ହେଲେ ସେମାନେ ବାଟବଣା ହୋଇଯାଇଥିଲେ। ଏନେଇ ଚିକିଟି ଅଗ୍ନିଶମ ବାହିନୀକୁ ଖବର ଦିଆଯିବା ପରେ ଅଗ୍ନିଶମ ବାହିନୀ ରାତି ପ୍ରାୟ ୨ଟାରେ ଘଟଣା ସ୍ଥଳରେ ପହଞ୍ଚି ପାହାଡ଼ ଚଢିଥିଲେ। କେରାଣ୍ଡି ମାଳ ପାହାଡ଼ର ଢ଼ାମଣା ପଦର ଆଦିବାସୀ ଗାଁ ନିକଟ ଜୟଗୁମ୍ଫାରେ ବୃଦ୍ଧା ଜଣକ ଅସହାୟ ଅବସ୍ଥାରେ ବସି ରହିଥିଲେ। ବୃଦ୍ଧା ଚଞ୍ଚଳାଙ୍କ ଚାଲିବାକୁ ବଳ ନଥିଲା ବେଳେ ସେ କିପରି ପାହାଡ଼ ଚଢିଗଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଅଗ୍ନିଶମ ବାହିନୀ ସ୍ଥାନୀୟ ଯୁବକଙ୍କ ସହଯୋଗରେ ବୃଦ୍ଧାଙ୍କୁ ଦୌଡି ସାହାଯ୍ୟରେ ପାହାଡ଼ ଉପରୁ ଖସାଇ ଆଣିଥିଲେ। ତା ପରେ କାନ୍ଧରେ ତାଙ୍କୁ ଟେକି ଆଣିଥିଲେ।



ବୃଦ୍ଧାଙ୍କୁ ଟେକି ଆଣୁଛନ୍ତି ଅଗ୍ନିଶମ କର୍ମଚାରୀ।

## ଆଇଟିଆଇ ଛାତ୍ରଙ୍କ ବେଙ୍ଗାଲୁରୁ ଓ ଏର୍ନାକୁଲମ ଗସ୍ତ



ବେଙ୍ଗାଲୁରୁ ଓ ଏର୍ନାକୁଲମ ଗସ୍ତ କରୁଥିବା ଆଇଟିଆଇ ଛାତ୍ର।

**ବ୍ରହ୍ମପୁର ଅଫିସ,୭।୧**

ବ୍ରହ୍ମପୁର ଆଇଟିଆଇ ପକ୍ଷରୁ ବେଙ୍ଗାଲୁରୁସ୍ଥିତ ଜନସନ ଲିମିଟେଡ କମ୍ପାନୀ ସହ ହୋଇଥିବା ଚୁକ୍ତିନାମା ଅନୁଯାୟୀ ୪୦ ଛାତ୍ର ଦକ୍ଷତା ବୃଦ୍ଧି ନିମନ୍ତେ ବେଙ୍ଗାଲୁରୁ ଓ ଏର୍ନାକୁଲମ୍ ଗସ୍ତ କରିଛନ୍ତି। ଆଇଟିଆଇରେ ଅଧ୍ୟୟନରତ ଦ୍ୱିତୀୟ ବର୍ଷ ଫିଟର, ଇଲେକ୍ଟ୍ରିସିଆନ, ଇଲେକ୍‌ଟ୍ରୋନିକ୍ସ, ମେକାଟ୍ରୋନିକ୍ସ ଛାତ୍ରମାନେ ଦକ୍ଷତା ବୃଦ୍ଧି ନିମନ୍ତେ ପ୍ରଶିକ୍ଷଣ ଗ୍ରହଣ କରିବେ। ପାଠ ପଢିବା ଶେଷ ହେବା ପରେ ସେହି କମ୍ପାନୀରେ ନିଯୁକ୍ତିର ସୁଯୋଗ ପାଇବେ ବୋଲି ଅଧ୍ୟକ୍ଷ ଡ.ରଜତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଏହା ସମଗ୍ର ଦେଶରେ ପ୍ରଗତିଶୀଳ ଆଇଟିଆଇ ହୋଇଥିବାରୁ ବିଭିନ୍ନ କମ୍ପାନୀଗୁଡିକ କ୍ୟାମ୍ପସ ଚୟନ ମାଧ୍ୟମରେ ନିଯୁକ୍ତି ଦେଉଥିଲେ। କିନ୍ତୁ ପ୍ରଥମ ଥର ପାଇଁ ଆଇଟିଆଇ ଛାତ୍ରଙ୍କୁ ଏଭଳି ସୁଯୋଗ ପ୍ରଦାନ କରାଯାଇଥିବାରୁ ଛାତ୍ରମାନେ ଖୁସି ପ୍ରକଟ କରିଛନ୍ତି। ଆଗାମୀ ଦିନରେ ଏଭଳି ବହୁ ଛାତ୍ରଙ୍କୁ ଦକ୍ଷତା ଭିତ୍ତିକ ପ୍ରଶିକ୍ଷଣ ଦିଆଯିବ ବୋଲି ଅଧ୍ୟକ୍ଷ କହିଛନ୍ତି।

# ଭାଜପାର ସାଙ୍ଗଠନିକ ବୈଠକ



ବୈଠକରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

**ଗଞ୍ଜାମ,୭।୧(ଡି.ଏନ୍.ଏ.)**

ଗଞ୍ଜାମ ସହର ସ୍ଥିତ ଚୌଧୁରୀସାହିରେ ଭାରତୀୟ ଜନତା ପାର୍ଟିର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚାର ସମ୍ପାଦକ କିର୍ତ୍ତନ ଦାସଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨୯ ଜାନୁୟାରୀରେ କୁଶପଲ୍ଲୀସ୍ଥିତ ଚାମୁଣ୍ଡା ମନ୍ଦିରରେ ହେବାକୁ ଥିବା ବନ୍ଧୁମିଳନ ସମାରୋହରେ ରାଜ୍ୟ ଓ ଜିଲାସ୍ତରୀୟ ନେତା ଯୋଗଦେବେ। ତା'ର ରୂପରେଖ କିପରି ହେବ ସେ ସମ୍ପର୍କରେ ପ୍ରାକ ଆଲୋଚନା ହୋଇଥିଲା। ତତ୍‌ସହିତ ଗ୍ରାସରୁଟ୍‌ରେ କିପରି ସଂଗଠନ ସୁଦୃଢ ହୋଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲା ଉପସଭାପତି ରଶ୍ମିରାଣୀ ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ସନ୍ତୋଷପୁର ମଣ୍ଡଳ ପୂର୍ବତନ ମଣ୍ଡଳ ସଭାପତି ଶ୍ରୀଧର ବାଡତ୍ୟା, ଭାଜପାର ବରିଷ୍ଠ ନେତା ସୁରେନ୍ଦ୍ର ସାହୁ, ସାନରାମଚନ୍ଦ୍ରପୁରର ବିଳାଶ କୁମାର ନାହାକ, ଝାରେଡି ରାଧା ଗୋବିନ୍ଦପୁରର ସମ୍ପଦ ନାହାକ ଓ ମିହିର ନାହାକ, ପାଲିବନ୍ଧ ପଞ୍ଚାୟତର ନିରାକାର ଜେନା, କାଇଁଚପୁର ପଞ୍ଚାୟତର ଶରତଚନ୍ଦ୍ର ମହାପାତ୍ର, ମଲ୍ଲାଡ ପଞ୍ଚାୟତର ଚିତ୍ତରଞ୍ଜନ ମଲ୍ଲିକ ଓ ସବର ସାହୁ, ଗଞ୍ଜାମ ଏନ୍ଏସିର ପୂର୍ବତନ ମଣ୍ଡଳ ସଭାପତି ସୁଦାମ ଚରଣ ଜେନା, ସନ୍ତୋଷପୁର ପଞ୍ଚାୟତର ମହେଶ୍ୱର ଦାସ, କାଇଁଚପୁର ପଞ୍ଚାୟତର ରାଜା ରାଓ ରେଡି, ସୁବଳୟା ପଞ୍ଚାୟତର ମୋହନ ନାୟକ ଓ ଅନ୍ୟମାନେ ଯୋଗଦେଇଥିଲେ।

## ସ୍ତ୍ରୀଙ୍କୁ ନିର୍ଯାତନା, ସ୍ୱାମୀ ଗିରଫ

**ଗୋପାଳପୁର,୭।୧(ଡି.ଏନ୍.ଏ.)**

ସ୍ତ୍ରୀଙ୍କୁ ଅଧିକ ଯୌତୁକ ଆଣିବାକୁ କହି ମାଡ଼ମାରିବା ଅଭିଯୋଗରେ ଗୋପାଳପୁର ଥାନା ପୋଲିସ ଶନିବାର ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ତାରିଣୀପେଣ୍ଠ ଗ୍ରାମର ବାସୁଦେବ ପ୍ରଧାନ (୨୫)। ଏହି ଥାନା ଅନ୍ତର୍ଗତ କଦରପଲ୍ଲି ଗ୍ରାମର ପଞ୍ଚୁ ସେଠୀଙ୍କ ଝିଅ ସ୍ୱପ୍ନା ସେଠୀଙ୍କ ସହିତ ବାସୁଦେବଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ୨୦୧୯ରେ ଉଭୟଙ୍କ ପ୍ରେମ ବିବାହ ହୋଇଥିଲା। ୮ରୁ ୯ ମାସ ଖୁସିରେ ରହିବା ପରେ ସେମାନଙ୍କ ବୈବାହିକ ଜୀବନରେ ଝଡ଼ ସୃଷ୍ଟି ହୋଇଥିଲା। ଇତିମଧ୍ୟରେ ବାସୁଦେବ ସ୍ୱପ୍ନାଙ୍କ ୩ ଥର ଗର୍ଭ ନଷ୍ଟ କରିଥିଲେ। ପରେ ଅଧିକ ଯୌତୁକ ଦାବି କରି ତାଙ୍କୁ ବିଭିନ୍ନ ସମୟରେ ନିଘୁଁକ ମାଡ଼ ମାରିବା ସହ ଶାରୀରିକ ଓ ମାନସିକ ନିର୍ଯାତନା, ଜାତିଆଣ ମନ୍ତବ୍ୟ ଦେବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ମଧ୍ୟ କରୁଥିଲେ। ପୁଣି ଚତୁର୍ଥଥର ଗର୍ଭ ନଷ୍ଟ କରିବା ପାଇଁ ମଧ୍ୟ ମେଡିସିନ ଖୁଆଇଥିଲେ। ସୌଭାଗ୍ୟ ବଶତଃ ଗର୍ଭ ନଷ୍ଟ ନହୋଇ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିବା ସ୍ୱପ୍ନା ଗୋପାଳପୁର ଥାନାରେ ଶୁକ୍ରବାର ଲିଖିତ ଅଭିଯୋଗରେ ଉଲ୍ଲେଖ କରିଥିଲେ। ଏନେଇ କେଶ୍ ୬/୨୩ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ବାସୁଦେବ ଗ୍ରାମରେ ଥିବା ବେଳେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଗୋପାଳପୁର ଥାନାଧିକାରୀ ଶାରଦା ପ୍ରସନ୍ନ ଦାସ ସୂଚନା ଦେଇଛନ୍ତି।

## ଦୀପକ ସ୍ମାରକୀ କ୍ରିକେଟ୍, ବରୁଣେଇ ବିଜୟୀ

**ହିଞ୍ଜିଳିକାଟୁ, ୭।୧(ଡି.ଏନ୍.ଏ):**

ହିଞ୍ଜିଳିକାଟୁ ମିନି ଷ୍ଟାଡିୟମ ପରିସରରେ ଆୟୋଜିତ ଦୀପକ ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟର ଚତୁର୍ଥ ଦିବସ ଶନିବାର ମ୍ୟାଚରେ ବଡ଼ଗଡ଼ ପ୍ରିନ୍ସ ଦଳକୁ ବରୁଣେଇ ଦଳ ୨ ୱିକେଟରେ ପରାସ୍ତ କରିଛି। ଟସ୍ ଜିତି ବଡ଼ଗଡ଼ ପ୍ରିନ୍ସ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୦ ୱିକେଟ ବିନିମୟରେ ୧୨୬ ରନ ସଂଗ୍ରହ କରିଥିଲେ। ଜବାବରେ ବରୁଣେଇ ଦଳ ୮ ୱିକେଟ ବିନିମୟରେ ବିଜୟୀ ହୋଇଥିଲେ। ଦଳ ପକ୍ଷରୁ ରଶ୍ମିରଞ୍ଜନ ମହାରଣା ୩ ୱିକେଟ ସଂଗ୍ରହ କରି 'ପ୍ଲେୟାର ଅଫ ଦି ମ୍ୟାଚ' ବିବେଚିତ ହୋଇଥିଲେ। ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଦେବାନନ୍ଦ ମହାପାତ୍ର ଅତିଥି ଭାବେ ଯୋଗଦେଇ ରଶ୍ମିରଞ୍ଜନଙ୍କୁ ପୁରସ୍କୃତ କରିଥିଲେ। ଅମ୍ପାୟର ଭାବେ ଅମୂଲ୍ୟ ରତ୍ନ ପଣ୍ଡା ଓ ସତିଶ କୁମାର ପାଢ଼ୀ ପରିଚାଳନା କରିଥିଲେ। ଯୋଗୀନ୍ଦ୍ର ନାୟକ, ଆଦିତ୍ୟ ସାହୁ, ଲିଟୁ ପ୍ରଧାନ, ସୀମାଞ୍ଚଳ ପାଣିଗ୍ରାହୀ, ଉମା ମହାରଣା, ସାଗର ବେହେରା, ସଚିନ ସେଠି, ସୁରୁଜ ସୁବୁଦ୍ଧି, ସୁନିଲ ପାଠି, ଜିତେନ୍ଦ୍ର ଦାସ, ରଜତ ପ୍ରଧାନ, ଟିକୁ ମହାରଣାଙ୍କ ସମେତ ଆୟୋଜକ ଇଗଲ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ପ୍ଲେୟାର ଅଫ୍ ଦି ମ୍ୟାଚ ପୁରସ୍କାର ବିତରଣ

# ଏସ୍‌କେସିଜି ପକ୍ଷରୁ ବିଶ୍ୱକପ୍ ହକି ସଚେତନତା

**ପାରଳାଖେମୁଣ୍ଡି, ୭।୧ (ଡି.ଏନ୍.ଏ)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଥିବା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି (ଏସ୍‌କେସିଜି) ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ଆସନ୍ତା ୧୩ରୁ ୨୯ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଓ ରାଉରକେଲାରେ ଅନୁଷ୍ଠିତ ହେବାକୁ ଥିବା ପୁରୁଷ ହକି ବିଶ୍ୱକପ ପରିପ୍ରେକ୍ଷୀରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଏକ ସଚେତନତା ରାଲି ସହର ପରିକ୍ରମା କରିଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଜୟ କୁମାର ତ୍ରିପାଠୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ହକି ବିଶ୍ୱକପକୁ ସ୍ମରଣୀୟ କରାଇବା ସହ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଶତାଧିକ ଛାତ୍ରୀଛାତ୍ର ହକି ବ୍ୟାନର୍ ଧରି ମହାବିଦ୍ୟାଳୟ ପରିସରରୁ ବାହାରି ବିଭିନ୍ନ ସ୍ଲୋଗାନ ପ୍ରଦାନ ପୂର୍ବକ ନଗର ପରିକ୍ରମା କରିଥିଲେ। ହକି ଖେଳ ଆଗରୁ ହକି କପକୁ ଅଧିକ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ଅଧ୍ୟକ୍ଷ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା




କ୍ରୀଡ଼ା ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଛତ୍ରପୁର,୭।୧(ଡି.ଏନ୍.ଏ.)**

ଗଞ୍ଜାମ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ୨୦୨୨-୨୩ ଶନିବାର ଛତ୍ରପୁରସ୍ଥିତ ଅନ୍‌ସ୍ଲୋ ସରକାରୀ ହାଇସ୍କୁଲ ଖେଳପଡିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଗଞ୍ଜାମ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଭି.କୀର୍ତ୍ତିଭାସନ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଜିଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ନିର୍ବାହୀ ଯନ୍ତ୍ରୀ ଇଂ. ମନୋଜ କୁମାର ବେହେରା, ସମ୍ପାଦକ ତଥା ଜିଲା ଶାରୀରିକ କ୍ରୀଡ଼ା ନିରୀକ୍ଷକ ଭାଗୀରଥି ସ୍ୱାଇଁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ ଓ ରାଜେଶ କୁମାର ପ୍ରଧାନ, ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ଜ୍ୟୋସ୍ନାରାଣୀ ପଟ୍ଟନାୟକ, ଅନ୍‌ସ୍ଲୋ ସରକାରୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ବାଉରୀବନ୍ଧୁ ପଣ୍ଡା, ଛତ୍ରପୁର ବିଇଓ ସୀତାରାମ ପଣ୍ଡା, କୁକୁଡ଼ାଖଣ୍ଡି ବିଇଓ ନୃସିଂହ ଚରଣ ମିଶ୍ର, ବିଇଓ ଭାଗୀରଥି ବେହେରା ଉପସ୍ଥିତ ଥିଲେ। ଜିଲା ଶିକ୍ଷାଧିକାରୀ ବିନିତା ସେନାପତି ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲାର ୮ ଜୋନ୍‌ର ୮୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଛନ୍ତି। ୯ ତାରିଖ ପର୍ଯ୍ୟନ୍ତ ଏଠାରେ ଏହି ପ୍ରତିଯୋଗିତା ଚାଲିବ।

# ଚିକିଟି ମହାବିଦ୍ୟାଳୟରେ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ଚିକିଟି,୭।୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ଚିକିଟିଗଡ଼ସ୍ଥିତ ମହାବିଦ୍ୟାଳୟରେ ଗତ ଦୁଇଦିନ ଧରି ଚାଲିଥିବା ୪୧ତମ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ଭବାନୀ ପ୍ରସାଦ ପଣ୍ଡା ସଭାପତିତ୍ୱ କରିଥିଲେ। ଗଞ୍ଜାମ ଜିଲା ପ୍ରାକ୍ତନ କ୍ରୀଡ଼ା ଅଧିକାରୀ ଅକ୍ଷୟ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ଚିକିଟି ମହାବିଦ୍ୟାଳୟ ଅତୀତରେ ଅନେକ କ୍ରିଡ଼ା ପ୍ରତିଭାଙ୍କୁ ସୃଷ୍ଟି କରି ଓଡ଼ିଶାର କ୍ରୀଡା ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ିପାରିବା ଅତି ଗୌରବର ବିଷୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପ୍ରାକ୍ତନ କ୍ରୀଡା ଶିକ୍ଷକ ଜେ. ଜଗନ୍ନାଥ ରାଓ, କ୍ରୀଡା ପରିଷଦର ଉପଦେଷ୍ଟା ସୁନିଲ କୁମାର ପଣ୍ଡା, କ୍ରୀଡା ଅଧିକାରୀ ଆଶୁତୋଷ ସାହୁ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିରେ କୃତିତ୍ୱ ହାସଲ କରିଥିବା ସଫଳ କ୍ରୀଡା ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ମହିଳା ବର୍ଗରେ ପ୍ରଭାସିନୀ ମହାନ୍ତି, କନିଷ୍ଠ ବର୍ଗରେ ହର୍ଷିତା କୁମାରି ନାୟକ ଏବଂ ବରିଷ୍ଠ ପୁରୁଷ ବର୍ଗରେ ତ୍ରୟମ୍ବକ ମହାପାତ୍ର, କନିଷ୍ଠ ବର୍ଗରେ ଯୁଗ୍ମ ଭାବେ ପ୍ରମୋଦ କୁମାର ବେହେରା ଓ ମନୋରଞ୍ଜନ ବଡମୁଣ୍ଡି ଚଳିତ ବର୍ଷ ମହାବିଦ୍ୟାଳୟର ସଫଳ କ୍ରୀଡାବିତ ରୂପେ ବିବେଚନା କରାଯାଇ ମହାବିଦ୍ୟାଳୟ ତରଫରୁ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ମହାବିଦ୍ୟାଳୟ ଅଧ୍ୟାପକ/କର୍ମଚାରୀଙ୍କ ମଧ୍ୟରେ ଅନୁଷ୍ଠିତ ଦୌଡ ପ୍ରତିଯୋଗିତା ଓ ମ୍ୟୁଜିକାଲ ଚେୟାର ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଯଥାକ୍ରମେ ଅଧ୍ୟାପକ ରାଧାକାନ୍ତ ପାଢ଼ୀ ଓ ଅଧ୍ୟାପିକା ରଶ୍ମିତା ଶବରଙ୍କୁ ସ୍ୱତନ୍ତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। କ୍ରୀଡା ଶିକ୍ଷକ ସୁଧାକର ବିଶୋଇ ସଞ୍ଚାଳନ କରିଥିବା ବେଳେ କ୍ରୀଡା ପରିଷଦର ଉପଦେଷ୍ଟା ସୁନିଲ କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

## ଆଜି କ'ଣ କେଉଁଠି

**ବ୍ରହ୍ମପୁର**
- ବିଇଏମସି ପକ୍ଷରୁ ହକି ପାଇଁ ଦୌଡ଼। ସ୍ଥାନ-ରାମଲିଙ୍ଗେଶ୍ୱର ପାର୍କ। ସମୟ-ପୂର୍ବାହ୍ନ ୬ଟା।
- ବିଜୁଳୀ କର୍ମଚାରୀ ସଂଘର ଖବରଦାତା ସମ୍ମିଳନୀ। ସ୍ଥାନ-ଗଞ୍ଜାମ କଳା ପରିଷଦ। ସମୟ-ପୂର୍ବାହ୍ନ ୧୦ଟା।
- ବଂଶୀବଟ ମାନସ ସେବା ସମିତିର ବାର୍ଷିକୋତ୍ସବ। ସ୍ଥାନ-ଓଷ୍ଟା ସମ୍ମିଳନୀ କକ୍ଷ। ସମୟ-ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକୋତ୍ସବ। ସ୍ଥାନ-ଉତ୍ତରେଶ୍ୱର ଭବନ। ସମୟ-ପୂର୍ବାହ୍ନ ୧୦ଟା ୩୦।
- ଜାତୀୟ ପାଠଚକ୍ର। ସ୍ଥାନ-ସିଟି ମହାବିଦ୍ୟାଳୟ। ସମୟ-ପୂର୍ବାହ୍ନ ୧୦ଟା।
- ଶୌଣ୍ଡିକ ସମାଜର ମହା ସମାବେଶ। ସ୍ଥାନ-ଆମ୍ବପୁଆ। ସମୟ-ପୂର୍ବାହ୍ନ ୯ଟା।

**ଜି. ଉଦୟଗିରି**
- ସିର୍କି ଇକୋ ପାର୍କ ଉଦଘାଟନ ଉତ୍ସବ। ସ୍ଥାନ: ସିର୍କି ଡ୍ୟାମ ନିକଟସ୍ଥ ଇକୋ ପାର୍କ ପରିସର । ସମୟ- ଅପରାହ୍ନ ୪ଟା।

**ବୁଗୁଡ଼ା**
- ବ୍ଲକ ସ୍ତରୀୟ କ୍ରୀଡ଼ା ମହୋତ୍ସବ। ସ୍ଥାନ: କ.ନୂଆଗାଁ ଖେଳପଡ଼ିଆ ସମୟ: ସକାଳ ୮ଟା

**ଦାରିଙ୍ଗବାଡ଼ି**
- ଶୀତ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା। ସଂଧ୍ୟା ୫ଟା-ସାଂସ୍କୃତିକ କାର୍ଯ୍ୟକ୍ରମ।
- ରାଜ୍ୟସ୍ତରୀୟ କବି ସମ୍ମିଳନୀ ଏବଂ କବିତା ପାଠୋତ୍ସବ। ସମୟ - ପୂର୍ବାହ୍ନ ୧୦ଟା

**ପୋଲସରା**
- କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ। ସ୍ଥାନ: ଯାତ୍ରୀ ବିଶ୍ରାମାଗାର, ଗୋଛାବାଡ଼ି। ସମୟ: ଦିବା ୧୦.୩୦
- ନିର୍ବାଚନ ମଣ୍ଡଳୀସ୍ତରୀୟ ବନ୍ଧୁ ମିଳନ। ସ୍ଥାନ : କସିପଡା, ମା ସିଂହାସନି ଶକ୍ତିପୀଠ। ସମୟ: ଦିବା ୧୧.୦୦ ଘଣ୍ଟା।
- ନିଖିଳ ଉତ୍କଳ ଦାସକାଠିଆ କଳାକାର ସଂଘର ୪୩ତମ ବାର୍ଷିକ ଅଧିବେଶନ। ସ୍ଥାନ: ଚନ୍ଦ୍ରମାଦେଇପୁର ଶାସନ, ହାତୀଓଟ। ସମୟ:ସନ୍ଧ୍ୟା ୭.୦୦ଘଣ୍ଟା।

**ଭଞ୍ଜନଗର**
- ବିଜେଡି ପ୍ରତିଷ୍ଠା ଦିବସ। ସ୍ଥାନ-ଜଳସମ୍ପଦ ବିଭାଗ ଆମ୍ବତୋଟା। ସମୟ-ପୂର୍ବାହ୍ନ ୧୦ଟା
- ଶ୍ରୀଅରବିନ୍ଦ ମହିଳା ପାଠଚକ୍ର। ସ୍ଥାନ-ଶ୍ରୀ ଅରବିନ୍ଦ ଶକ୍ତିପୀଠ। ସମୟ-ପୂର୍ବାହ୍ନ ୧୦ ଟା।
- ସମ୍ବର୍ଦ୍ଧନା ସଭା। ବାଉଁଶଲୁଣ୍ଡି କୁଳଘର। ସମୟ- ପୂର୍ବାହ୍ନ ୧୧ଟା।

# ବୈଷୟିକ ଟେଣ୍ଡର ଲାଗି ଅଟକିଛି ପ୍ଲାଟଫର୍ମ ସମ୍ପ୍ରସାରଣ

## ଛତ୍ରପୁର ରେଳ ଷ୍ଟେଶନ




ଛତ୍ରପୁର,୭।୧(ଡି.ଏନ୍.ଏ.)

ଗଞ୍ଜାମ ଜିଲା ହେଡ୍‌କ୍ୱାର୍ଟରରେ ଥିବା ଛତ୍ରପୁର ଷ୍ଟେଶନର ବିକାଶ ଅଟକି ରହିଛି। ଫଳରେ ବହୁ ଦୂରଗାମୀ ଓ ୨୪ରୁ ୨୬ କୋଚ୍ ବିଶିଷ୍ଟ ଟ୍ରେନ୍ ରହଣି ଏଠାରେ ହେଉନି । ଦୀର୍ଘବର୍ଷ ହେଲା ଛତ୍ରପୁରର ବୁଦ୍ଧିଜୀବୀମାନଙ୍କ ପକ୍ଷରୁ ଏହି ଷ୍ଟେଶନରେ ଦୂରଗାମୀ ଟ୍ରେନ୍ ରହଣି ପାଇଁ ଦାବି ହୋଇଆସୁଥିଲା। ପରେ ଖୋର୍ଦ୍ଧା ଡିଭିଜନ ପକ୍ଷରୁ ଛତ୍ରପୁର ଷ୍ଟେଶନର ପ୍ଲାଟଫର୍ମ ସମ୍ପ୍ରସାରଣ ଲାଗି ଟେଣ୍ଡର ହୋଇଥିଲା । ମାତ୍ର ଏହାର କାମ ଆରମ୍ଭ ହୋଇପାରୁନି। ତେବେ ସିଭିଲ୍ କାମ ପାଇଁ ଟେଣ୍ଡର ହୋଇଥିଲେ ହେଁ ବୈଷୟିକ ଟେଣ୍ଡର କରାଯାଇନି। ଫଳରେ ଚୂଡ଼ାନ୍ତ ହୋଇଥିବା ସିଭିଲ କାମ ଆରମ୍ଭ ହୋଇପାରୁ ନ ଥିବା ଜଣାପଡିଛି। ତୁରନ୍ତ ଏସବୁ ପ୍ରକ୍ରିୟା ସାରି ଛତ୍ରପୁର ଷ୍ଟେଶନ ପ୍ଲାଟଫର୍ମ ସମ୍ପ୍ରସାରଣ କାମ ଆରମ୍ଭ କରିବାକୁ ରେଲ୍‌ୱେ ଅଧିକାରୀମାନଙ୍କୁ ସାକ୍ଷାତ୍ କରି ଦାବିପତ୍ର ଦିଆଯାଇଥିବା ଛତ୍ରପୁର ବୁଦ୍ଧିଜୀବୀ କମିଟି ଆବାହକ ତଥା ବରିଷ୍ଠ ଓକିଲ ବି. ଶ୍ରୀନିବାସ କହିଛନ୍ତି। ସୂଚନାଯୋଗ୍ୟ, ଛତ୍ରପୁର ଷ୍ଟେଶନରେ ୩ଟି ପ୍ଲାଟଫର୍ମ ଥିବାବେଳେ ୧ ଓ ୨ନଂ ପ୍ଲାଟଫର୍ମରେ ଟ୍ରେନ୍ ରହିଥାଏ । ତେବେ ପ୍ଲାଟଫର୍ମ ଲମ୍ବା ନ ଥିବାରୁ ୨୪ ରୁ ୨୬ କୋଚ୍ ଓ ଦୂରଗାମୀ, ସୁପରଫାଷ୍ଟ ଏକ୍ସପ୍ରେସ ଟ୍ରେନ୍ ରହଣି ହୋଇପାରୁନି । ଏପରିକି ଏବେ ବି ଅନେକ ଦୂରଗାମୀ, ଏକ୍ସପ୍ରେସ ଓ ସୁପରଫାଷ୍ଟ ଏକ୍ସପ୍ରେସ ଯାହା ଏଠାରେ ରହୁଛି । ପ୍ଲାଟଫର୍ମର ଲମ୍ବା କମ୍ ଥିବାରୁ ଉକ୍ତ ଟ୍ରେନ୍‌ର ଅନେକ କୋଚ୍ ପ୍ଲାଟଫର୍ମ ବାହାରେ ଲାଗୁଛି । ଫଳରେ ଏସି ବଗିରେ ଯାତ୍ରା କରୁଥିବା ଯାତ୍ରୀଙ୍କୁ ଓହ୍ଲାଇବାରେ ଅସୁବିଧା ହେଉଛି । ଏ ସବୁର ସମାଧାନ ଲାଗି ଖୋର୍ଦ୍ଧା ରୋଡ୍ ଡିଭିଜନ ପକ୍ଷରୁ ଛତ୍ରପୁର ଷ୍ଟେଶନରେ ୨୪ ରୁ ୨୬ କୋଚ୍ ବିଶିଷ୍ଟ ଟ୍ରେନ୍ ରହଣି ଲାଗି ପ୍ଲାଟଫର୍ମ ସମ୍ପ୍ରସାରଣ ପାଇଁ ୨୭୧.୯୮ କୋଟି ଟଙ୍କାର ଟେଣ୍ଡର ଗତ ବର୍ଷ ଅଗଷ୍ଟରେ ଆହ୍ୱାନ ହୋଇଥିଲା। ତେବେ ଟେକ୍ନିକାଲ ଟେଣ୍ଡର ହୋଇ ନ ଥିବାରୁ ଏହି କାମ ଆରମ୍ଭ ହୋଇପାରୁନି। ଡିସେମ୍ବର ୧୮ରେ ଛତ୍ରପୁର ଷ୍ଟେଶନ ପରିଦର୍ଶନରେ ଆସିଥିବା ବେଳେ ଇଷ୍ଟକୋଷ୍ଟ ରେଲ୍‌ୱେ ଜେନେରାଲ ମ୍ୟାନେଜର ଓ ଖୋର୍ଦ୍ଧା ଡିଭିଜନ ଡିଭିଜନାଲ ରେଲ୍‌ୱେ ମ୍ୟାନେଜରଙ୍କୁ ଭେଟି ଛତ୍ରପୁର ବୁଦ୍ଧିଜୀବୀମାନଙ୍କ ଏକ ପ୍ରତିନିଧି ଦଳ ଏ ସମ୍ପର୍କରେ ଜଣାଇଥିଲେ। ସେହିପରି ଚଳିତ ମାସ ୪ ତାରିଖରେ ଛତ୍ରପୁର କୋର୍ଟ ଷ୍ଟେଶନ ପରିଦର୍ଶନରେ ଆସିଥିବା ବେଳେ ଖୋର୍ଦ୍ଧା ରେଲୱେ ଆସିଷ୍ଟାଣ୍ଟ ଡିଭିଜନାଲ ଇଞ୍ଜିନିୟରଙ୍କୁ ଭେଟି ତୁରନ୍ତ ଛତ୍ରପୁର ଷ୍ଟେଶନ ପ୍ଲାଟଫର୍ମ ସମ୍ପ୍ରସାରଣ କାମ ଆରମ୍ଭ କରିବାକୁ ବୁଦ୍ଧିଜୀବୀମାନେ ଦାବି କରିଥିଲେ ।

# ହକି ବିଶ୍ୱକପ୍ ପାଇଁ ସ୍ୱାଗତ, ସଚେତନତା



ଛାତ୍ରୀଛାତ୍ରଙ୍କ ପକ୍ଷରୁ ହକି ସଚେତନତା।

## ନୀଳକଣ୍ଠନଗର ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିର

ବ୍ରହ୍ମପୁର ଅଫିସ, ୭।୧

ନୀଳକଣ୍ଠନଗର ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ଶନିବାର ପ୍ରାୟ ୫୦୦ ଛାତ୍ରୀଛାତ୍ରଙ୍କୁ ନେଇ ହକି ବିଶ୍ୱକପ ପାଇଁ ସ୍ୱାଗତ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ଉତ୍ସାହର ସହ ଏହି ସ୍ୱାଗତ ଓ ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଏକ ସୁନ୍ଦର ହକିର ନିଆରା ପରିବେଶ ସୃଷ୍ଟି କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଡେପୁଟି ରେଜିଷ୍ଟ୍ରାର ଡ.ବାବୁଜୀ ସାମଲ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ହକି ଖେଳର ଆବଶ୍ୟକତା ଓ ହକି ବିଶ୍ୱକପ ଖେଳ ସମ୍ପର୍କରେ ଉତ୍ସାହିତ କରିଥିଲେ। ହକି ବିଶ୍ୱକପ ପରିପ୍ରେକ୍ଷୀରେ ମହାବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଡିନ୍ ପ୍ରାଧ୍ୟାପକ ଡ.ବିବେକାନନ୍ଦ ପଣ୍ଡା, ଉଦ୍ଭିଦ ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ଡ.ଉମେଶ ସାହୁ, ପ୍ରାଣୀ ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ଡ. ରାଜେନ୍ଦ୍ର ମୂର୍ତ୍ତି ଓ ଅଧ୍ୟକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ହକି ବିଶ୍ୱକପ୍ ଓଡ଼ିଶାରେ ହେଉଛି। ଏହାର ଗୁରୁତ୍ୱ ଓ ଆବଶ୍ୟକତା ସମ୍ପର୍କରେ ବର୍ଣ୍ଣନା କରି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରିଥିଲେ। ଅଧ୍ୟକ୍ଷ ଏସ୍.ମୋହନ ରାଓ ଧନ୍ୟବାଦ ଅର୍ପଣ କରିଥିଲେ। ହକି ବିଶ୍ୱକପ ସଚେତନତା କାର୍ଯ୍ୟକ୍ରମ ସଫଳ ହୋଇଥିବାରୁ ପରିଚାଳନା ସମିତି ସଭାପତି ଡ. ଶ୍ରୀକାନ୍ତ ମହାପାତ୍ର, ଉପସଭାପତି ଡ. ହରିକୃଷ୍ଣ ନାୟକ, ସମ୍ପାଦକ ନାରାୟଣ ପଣ୍ଡା, କୋଷାଧ୍ୟକ୍ଷ ରବୀନ୍ଦ୍ରନାଥ ଜେନା, ଯୁଗ୍ମ ସମ୍ପାଦିକା ମମତା ପାଣିଗ୍ରାହୀ, ସଦସ୍ୟ ନୀଳକଣ୍ଠ ସାହୁ, ପ୍ରାଧାନାଚାର୍ଯ୍ୟ ଉମାଧବ ମହାନ୍ତି, ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ଅନ୍ତର୍ଜାତୀୟ ଇଂଲିଶ ଅଲିମ୍ପିଆଡ୍‌ରେ ବୈଭବୀଙ୍କୁ ସ୍ୱର୍ଣ୍ଣ

ବ୍ରହ୍ମପୁର ଅଫିସ,୭।୧



ଗତ ନଭେମ୍ବର ୨୦୨୨ରେ ଇଂଲିଶ୍ ଅଲିମ୍ପିଆଡ୍‌ର ପ୍ରଥମ ପର୍ଯ୍ୟାୟ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ହଜାର ହଜାର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ବ୍ରହ୍ମପୁରର ବୈଭବୀ ଦାସ ସ୍ୱର୍ଣ୍ଣ ପଦକ ହାସଲ କରି ଗଞ୍ଜାମ ଜିଲା ପାଇଁ ଗୌରବ ଆଣିଛନ୍ତି। ବୈଭବୀ ଦକ୍ଷିଣାଞ୍ଚଳ ରେଞ୍ଜ୍ ବ୍ରହ୍ମପୁର ଅଗ୍ନିଶମାଧିକାରୀ ପ୍ରଶାନ୍ତ କୁମାର ରଥଙ୍କ କନ୍ୟା। ବର୍ତ୍ତମାନ ସେ ଆଙ୍କୁଲିସ୍ଥିତ ଦିଲ୍ଲୀ ପବ୍ଲିକ୍ ସ୍କୁଲ୍‌ରେ ସପ୍ତମ ଶ୍ରେଣୀରେ ପଢୁଛନ୍ତି। ପ୍ରଥମ ପର୍ଯ୍ୟାୟ ପରୀକ୍ଷାରେ ସ୍ୱର୍ଣ୍ଣ ପଦକ ହାସଲ ପରେ ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ମଧ୍ୟ ସେ ନିଜକୁ ପୂର୍ବଭଳି ପ୍ରସ୍ତୁତିରେ ଲାଗିଥିବା କହିଛନ୍ତି ବୈଭବୀ ।

# ପ୍ରମାଣ ଅଭାବରୁ ୩ ଅଭିଯୁକ୍ତ ନିର୍ଦ୍ଦୋଷ

## ଛାତ୍ରୀଙ୍କୁ ବଳାତ୍କାର ମାମଲା

ବ୍ରହ୍ମପୁର ଅଫିସ,୭।୧

ବ୍ରହ୍ମପୁର ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ କୋର୍ଟ ପୋକ୍‌ସୋ ଜଜ ଶନିବାର ଏକ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ପ୍ରମାଣ ନ ମିଳିବାରୁ ସେ ବଳାତ୍କାରୀଙ୍କ ସମେତ ୩ ଜଣଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଚମାଖଣ୍ଡି ଥାନା ଅଞ୍ଚଳର ଜୟକୃଷ୍ଣ ସେଠୀ ଯିଏକି ଛାତ୍ରୀଙ୍କୁ ଅପହରଣ କରି ବଳାତ୍କାର କରିଥିଲେ। ଅପହରଣରେ ସହଯୋଗ କରିଥିବା ଏନ. ସନ୍ୟାସୀ ରେଡ୍ଡୀ ଓ ଆର. ଭୀମ ରେଡ୍ଡୀ। ପ୍ରକାଶ ଯେ, ୨୦୧୫ ଡିସେମ୍ବର ୭ରେ ଚମାଖଣ୍ଡି ଅଞ୍ଚଳରୁ ଜଣେ ଯୁକ୍ତ ୨ ଛାତ୍ରୀଙ୍କୁ ଅପହରଣ ହୋଇଥିଲା। ଏନେଇ ପୀଡ଼ିତାଙ୍କ ବାପା ଚମାଖଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.ରେ ୧୩୩/୧୫ ରେ ଏକ ମାମଲା ରୁଜୁ କରିଥିଲା। ୨୦୧୬ରେ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଛାତ୍ରୀ ଜଣଙ୍କ କଲେଜ ଯାଉଥିବା ବେଳେ ରାସ୍ତାରୁ ତାଙ୍କୁ ଜଣେ ଯୁବକ ଅପହରଣ କରି ବଳାତ୍କାର କରିଥିଲେ ବୋଲି ପୀଡ଼ିତା ଜଣଙ୍କ ପୋଲିସକୁ ତାଙ୍କ ବୟାନରେ କହିଥିଲେ। କୋର୍ଟରେ ଉକ୍ତ ମାମଲାର ବିଚାର ଚାଲିଥିବା ବେଳେ ପୀଡ଼ିତାଙ୍କ ମୃତ୍ୟୁ ଘଟିଥିଲା। ଶନିବାର ଶୁଣାଣି ବେଳେ ଉପରୋକ୍ତ ୩ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୧୩ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ପ୍ରମାଣ ଅଭାବରୁ ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com



@ ଇନ୍ଦିରା



@ ଜିତୁ



@ ପ୍ରଶାନ୍ତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଯୁବକଙ୍କ ଗଳିତ ମୃତଦେହ ଜବତ

ବ୍ରହ୍ମପୁର ଅଫିସ, ୭।୧

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ପୋଲିସ ଶନିବାର ଏମ୍‌କେସିଜି ମେଡିକାଲରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ କରିଛି। ମୃତକ ହେଲେ ଗଜପତି ନଗରରେ ରହୁଥିବା ନୃସିଂହ ଚରଣ ମହାନ୍ତି (୪୦)। ପୋଲିସ ନଂ.୧୯/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ନୃସିଂହ କାହିଁକି ଆତ୍ମହତ୍ୟା କଲେ ତାହା ଏବେ ସ୍ପଷ୍ଟ ହୋଇନାହିଁ। ଅନ୍ୟପଟେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ତାଙ୍କ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ପ୍ରକାଶ ଯେ, ନୃସିଂହ ଓ ତାଙ୍କ ସ୍ତ୍ରୀ ରୋଜାଲିନ୍ ମହାନ୍ତି ଗଜପତି ନଗରରେ ଏକ ଘର ଭଡ଼ା ନେଇ ରହୁଥିଲେ। ନୃସିଂହ ଠିକାଦାର ଭାବେ ଗୃହ ନିର୍ମାଣ କାମ କରନ୍ତି। କୌଣସି କାମରେ ରୋଜାଲିନ୍ କିଛିଦିନ ତଳେ ତାଙ୍କ ବାପଘର ପୁରୀ ଯାଇଥିଲେ। ଗତ ୫ ତାରିଖରେ ସ୍ୱାମୀଙ୍କୁ ଫୋନ କରିଥିଲେ ମଧ୍ୟ କୌଣସି ଉତ୍ତର ମିଳିନଥିଲା। ସେ ଏନେଇ ଦେଢ଼ଶୁର ସଦାଶିବ ମହାନ୍ତିଙ୍କୁ ଫୋନ କରି ଜଣାଇଥିଲେ। ସଦାଶିବ ମଧ୍ୟ ଫୋନ କରି ନିରାଶ ହୋଇଥିଲେ। ଶେଷରେ ଶୁକ୍ରବାର ରାତିରେ ରୋଜାଲିନ୍ ଗଜପତି ନଗରରେ ପହଞ୍ଚି ଦେଢ଼ଶୁରଙ୍କୁ ଡାକିଥିଲେ। କବାଟ ଭାଙ୍ଗି ପଶିବା ବେଳେ ନୃସିଂହ ରଶି ଲଗାଇ ଆତ୍ମହତ୍ୟା କରିଥିବା ଦେଖିଥିଲେ। ତାଙ୍କୁ ଏମ୍‌କେସିଜି ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଫେରାର ଅଭିଯୁକ୍ତ ଗିରଫ

## ନକଲି ବିଦେଶୀ ମଦ ଫ୍ୟାକ୍ଟ୍ରିରେ ଚଢ଼ାଉ ଘଟଣା

ବ୍ରହ୍ମପୁର ଅଫିସ,୭।୧

ବ୍ରହ୍ମପୁର ବଡ଼ ବଜାର ଥାନା ପୋଲିସ ପକ୍ଷରୁ ଗତ ବର୍ଷ ଅକ୍ଟୋବରରେ ଏକ ନକଲି ବିଦେଶୀ ମଦ ପ୍ରସ୍ତୁତି କାରଖାନା ଉପରେ ଚଢ଼ାଉ କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ରହି ଫେରାର ଥିବା ପାଣିଗ୍ରାହୀପେଣ୍ଠ ପଦ୍ମନଗରର ସଞ୍ଜୟ ନାରାୟଣ ମହାପାତ୍ରଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ସଞ୍ଜୟ ନକଲି ବିଦେଶୀ ମଦ ଜିଲାର ବିଭିନ୍ନ ସ୍ଥାନରେ ବିକ୍ରି କରୁଥିବା ଜଣାପଡ଼ିଛି। ମାମଲା ନଂ.୨୫୫/୨୨ରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟପକ୍ଷରେ ଏହି ଘଟଣାରେ ପୋଲିସ ଗତବର୍ଷ ଅକ୍ଟୋବର ୩ରେ ବାସୁଦେବ ତ୍ରିପାଠୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ବାସୁଦେବ ସଦର ଥାନା ଅନ୍ତର୍ଗତ ଲାଠି ଗାୟତ୍ରୀ ନଗରର ଏକ ଘର ଭଡ଼ା ନେଇ ସେଠାରେ ନକଲି ବିଦେଶୀ ମଦ ପ୍ରସ୍ତୁତ କରୁଥିଲେ। ଏହା ପରେ ତାହାକୁ ସେ ଜିଲାର ବିଭିନ୍ନ ସ୍ଥାନରେ ସଞ୍ଜୟଙ୍କ ସହାୟତାରେ ବିକ୍ରି କରୁଥିବା ପୋଲିସ ଜାଣିବାକୁ ପାଇଥିଲା।

# ଗଞ୍ଜାମରେ ନିର୍ବାଚନ ବିଗୁଲ ବଜାଇଛି ଭାଜପା

ନରସିଂହ ସାହୁ
ବ୍ରହ୍ମପୁର ଅଫିସ,୭।୧

- ଦୁଇ ସଂସଦୀୟ କ୍ଷେତ୍ର ରାଜନୀତି ଚଳଚଞ୍ଚଳ
- ମହିଳା ମୋର୍ଚ୍ଚା ନେତ୍ରୀଙ୍କ ପରେ ଆସୁଛନ୍ତି କେନ୍ଦ୍ର ମହିଳା ମନ୍ତ୍ରୀ

ଗଞ୍ଜାମରେ ଆଗୁଆ ନିର୍ବାଚନ ବିଗୁଲ ବଜାଇଛି ଭାଜପା। ଏହି ଜିଲାରେ ବ୍ରହ୍ମପୁର ଓ ଆସିକା ଦୁଇ ଲୋକସଭା ନିର୍ବାଚନ ମଣ୍ଡଳୀ ଅଛି। ଦୁଇଟି ଯାକ ସଂସଦୀୟ କ୍ଷେତ୍ରକୁ ପଦ୍ମ ଦଳର ନେତ୍ରୀମାନଙ୍କ ଗସ୍ତକୁ ନେଇ ରାଜନୈତିକ ଚର୍ଚ୍ଚା ଜୋର ଧରିଛି। ଉଭୟ ଅଞ୍ଚଳର ମହିଳା ଭୋଟରଙ୍କ ଉପରେ ଦଳ ନଜର ପକାଇଥିବା ଆଲୋଚନା ପରିସରକୁ ଆସିଛି। ଗତ ଡିସେମ୍ବର ତୃତୀୟ ସପ୍ତାହରେ ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚାର ଦୁଇ ତୁଙ୍ଗ ନେତ୍ରୀ ସଂଜିତା ଡୋଗ୍ରା ଓ ମାଧବୀ ଭୁଟା ଦୁଇଦିନିଆ ଜିଲା ଗସ୍ତରେ ଆସି ଆସିକା ଓ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ବିଭିନ୍ନ ସ୍ଥାନ ଗସ୍ତ କରିଥିଲେ। ଉଭୟ ମହିଳା ମୋର୍ଚ୍ଚା କର୍ମୀ ଓ ନେତ୍ରୀଙ୍କୁ ପୃଥକ ଭାବେ ଭେଟି ମନ୍ତ୍ର ଫୁଙ୍କିଥିଲେ। ପ୍ରଧାନମନ୍ତ୍ରୀଙ୍କ ମହିଳା ସଶକ୍ତୀକରଣ ଯୋଜନା ସମ୍ପର୍କରେ ମୁଖ୍ୟତଃ ମହିଳାଙ୍କୁ ଠିକଣା ଭାବେ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ।

ଏହାର ୧୫ ଦିନ ପରେ ରେଳ ଓ ବୟନ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଜୋରଦୋଷ ୩ ଦିନିଆ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରକୁ ଗସ୍ତରେ ଆସୁଛନ୍ତି। ସେ ୯ ରୁ ୧୧ ତାରିଖ ପର୍ଯ୍ୟନ୍ତ ବ୍ରହ୍ମପୁର, ପାରଳାଖେମୁଣ୍ଡି, ଗୋପାଳପୁର, ଦିଗପହଣ୍ଡି ଓ ଛତ୍ରପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ତାଙ୍କ ଗସ୍ତ ପାଇଁ ଗଞ୍ଜାମ ଓ ଗଜପତି ଭାଜପା ସାଙ୍ଗଠନିକ ଜିଲା ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ଆସନ୍ତା ସୋମବାର ବ୍ରହ୍ମପୁର ସର୍କିଟ ହାଉସରେ ଦଳର ପଦାଧିକାରୀଙ୍କୁ ଆଗାମୀ ନିର୍ବାଚନ ପାଇଁ ମନ୍ତ୍ର ଫୁଙ୍କିବେ। ରେଶମ ସହରର ବୁଣାକାରଙ୍କ ସହ ଆଲୋଚନା କରିବେ। ମଙ୍ଗଳବାର ଟିକିଟି ନିର୍ବାଚନ ମଣ୍ଡଳୀ ଓ ପାରଳାଖେମୁଣ୍ଡି ଠାରେ କର୍ମୀ ସମାବେଶରେ ଯୋଗଦେବେ। ବୁଧବାର ଗୋପାଳପୁର ଓ ଛତ୍ରପୁର ନିର୍ବାଚନ ମଣ୍ଡଳୀକୁ ଯାଇ ମତ୍ସ୍ୟଜୀବୀଙ୍କୁ ମଧ୍ୟ ଭେଟିବାର କାର୍ଯ୍ୟକ୍ରମ ରହିଛି। ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀର କୁକୁଡ଼ାଖଣ୍ଡିକୁ ମଧ୍ୟ କେନ୍ଦ୍ର ରାଷ୍ଟ୍ର ମନ୍ତ୍ରୀ ଯିବେ।

ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚାର ଦୁଇ ନେତ୍ରୀଙ୍କ ଗସ୍ତ ପରେ କେନ୍ଦ୍ରର ଆଉ ଜଣେ ମହିଳା ମନ୍ତ୍ରୀଙ୍କ ଗଞ୍ଜାମ ଗସ୍ତକୁ ନେଇ ଭିନ୍ନ ଭିନ୍ନ ରାଜନୈତିକ ଚର୍ଚ୍ଚା ଚାଲିଛି। ୨୦୨୪ ପୂର୍ବରୁ ୨୦୦୪ ଭଳି ମଧ୍ୟବର୍ତ୍ତି କାଳୀନ ଲୋକସଭା ନିର୍ବାଚନ ହୋଇପାରେ ବୋଲି ରାଜନୀତି ବିଶ୍ଳେଷକ ଆଲୋଚନା କରୁଛନ୍ତି। ଯଦି ଆଗୁଆ ଲୋକସଭା ନିର୍ବାଚନ ହେବ ତେବେ ରାଜ୍ୟରେ ମଧ୍ୟ ବିଧାନସଭା ନିର୍ବାଚନ ହେବାର ନିଶ୍ଚିତ ସମ୍ଭାବନା ଥିବା ମତ ପ୍ରକାଶ ପାଇଛି। ରେଳ ରାଷ୍ଟ୍ରମନ୍ତ୍ରୀଙ୍କ ଗସ୍ତକୁ ସଫଳ କରିବା ପାଇଁ ଗଞ୍ଜାମ ଜିଲା ଭାଜପା ସଭାପତି ବିଭୂତି ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ପ୍ରସ୍ତୁତି ବୈଠକରେ କାହ୍ନୁ ଚରଣ ପତି, ସରୋଜ ସାବତ ଓ ବରିଷ୍ଠ ନେତାମାନେ ଯୋଗ ଦେଇଥିଲେ।

# 'ବର୍ଷା ଆଖିରେ ଲୁହ' ପରିବେଷିତ



ନାଟକ ଦ୍ୱିତୀୟ ସନ୍ଧ୍ୟାରେ ଉପସ୍ଥିତ ଅତିଥି।

## ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ବ୍ରହ୍ମପୁର ଅଫିସ୍, ୭।୧

ଗଞ୍ଜାମ ଗଞ୍ଜାମ ଜିଲା କଳାକାର ମଞ୍ଚ ସମ୍ମିଳନୀ ପକ୍ଷରୁ ବ୍ରହ୍ମପୁର ଏକତା ମଞ୍ଚ ସହଯୋଗରେ ପ୍ରକାଶମ୍ ହଲଠାରେ ଆୟୋଜିତ ୬ଷ୍ଠ ରାଜ୍ୟସ୍ତରୀୟ ତଥା ୩୨ ତମ ଦକ୍ଷିଣ ଓଡିଶା ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଜନ ସଚେତନ ନାଟକ 'ବର୍ଷା ଆଖିରେ ଲୁହ' ମଞ୍ଚସ୍ଥ ହୋଇଥିଲା। ଖୋର୍ଦ୍ଧା ଆଦର୍ଶ କଳାକାର ନାଟ୍ୟ ଅନୁଷ୍ଠାନ ପକ୍ଷରୁ ପରିବେଶିତ ନାଟକକୁ ରମେଶ ପରିଡା ରଚନା କରିଥିବା ବେଳେ ରତ୍ନାକର ପ୍ରଧାନ ନିର୍ଦ୍ଦେଶନା ଦେଇଛନ୍ତି। ମଦ କିଭଳି ଗୋଟିଏ ପରିବାର ଛାରଖାର କରି ସନ୍ଦେହ ଭରି ଦିଏ, ସେଭଳି କଥା ବସ୍ତୁ ଉପରେ ନାଟକଟି ରଚିତ ହୋଇଛି। ନାଟକରେ ସୁବାସ, ସନ୍ତୋଷ, ରମାକାନ୍ତ, ଅଶୋକ, ଶୁଭମ, ସିଦ୍ଧାର୍ଥ, ଦୁର୍ଗା ପ୍ରସାଦ ଓ ଯଶସ୍ୱିନୀ ପ୍ରମୁଖ ଅଭିନୟ କରିଛନ୍ତି। ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ଆୟୋଜିତ ସଭାରେ ସଂଘ ଉପସଭାନେତ୍ରୀ କିରଣବାଳା ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଓ ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗଦେଇ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ସଂଘ ସଭାପତି ବଳରାମ ଦାସ, ସାଧାରଣ ସମ୍ପାଦକ ରମେଶ ମହାରଣା, ସମବାୟବିତ୍ ସୁଧୀର କୁମାର ରାଉତ, ଓଡିଶା ନାଟ୍ୟ ସଂଘ ସହ ସମ୍ପାଦକ ରାମଚନ୍ଦ୍ର ସାସମଲ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୋକନାଥ କାନୁନଗୋ, ଇଂ.ମନୋଜ କୁମାର ଦଣ୍ଡପାଟ ଓ ରାଜଗୋପାଳ ପାଢୀ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଶୁକ୍ରବାର ସନ୍ଧ୍ୟାରେ ନାଟକ ମହୋତ୍ସବ ଉଦ୍‌ଘାଟିତ ହୋଇଥିଲା। ପ୍ରଥମ ସନ୍ଧ୍ୟାରେ ସ୍ୱାର୍ଥ ଓ ତ୍ୟାଗର ତୁଳନାତ୍ମକ ସମୀକ୍ଷାକୁ ଆଧାରକରି ନାଟକ ଅଭିଶାପ ମଞ୍ଚସ୍ଥ ହୋଇଥିଲା। ବ୍ରହ୍ମପୁର ଶିଳ୍ପାଞ୍ଚଳ ସକଳେଶ୍ୱର ନାଟ୍ୟ ସଂସଦ ପକ୍ଷରୁ ପରିବେଶିତ ନାଟକରେ ଟୁଟୁ ପାଢୀ ନିର୍ଦ୍ଦେଶନା ଦେଇଥିବା ବେଳେ ବ୍ରଜବନ୍ଧୁ ବେହେରା ନାଟକର ରଚୟିତା ଥିଲେ। ନାଟକରେ ଲୋକନାଥ, ମାନସ, ଗଙ୍ଗା, ଆଲୋକ, ଶିବ ଓ ରବି ପ୍ରମୁଖ ଅଭିନୟ କରିଥିଲେ। ପ୍ରଥମ ସନ୍ଧ୍ୟାରେ ସଂଘ ସଭାପତି ବଳରାମ ଦାସ ସଭାପତିତ୍ୱ କରିଥିଲେ। ବରିଷ୍ଠ ଶିକ୍ଷାବିତ କେ.କୃଷ୍ଣ ମୂର୍ତ୍ତି ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାଷ ମହାରଣା, ଅଳି କିଶୋର ପଟ୍ଟନାୟକ ଯୋଗ ଦେଇଥିଲେ। ନାଟକ ପରିଚାଳନାରେ ଧ୍ରୁବ ପ୍ରଧାନ ଓ ଅଭି ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ।

